**Series ΨYZXW** **Set-4**

**Q.P. Code 14**

Roll No. [ ][ ][ ][ ][ ][ ][ ][ ]

Candidates must write the Q.P. Code on the title page of the answer-book.

# ଓଡ଼ିଆ
# ODIA

*ସମୟ : 3 ଘଣ୍ଟା* *ପୂର୍ଣ୍ଣ ସଂଖ୍ୟା : 80*

*Time allowed : 3 hours* *Maximum Marks : 80*

- ପ୍ରଶ୍ନପତ୍ରଟି **15** ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ ।
- ପ୍ରଶ୍ନପତ୍ରର ଡ଼ାହାଣ ପଟ କୋଣରେ ଦିଆଯାଇଥିବା କୋଡ ନମ୍ବର ଉତ୍ତର ପତ୍ରର ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ ।
- ପ୍ରଶ୍ନପତ୍ରରେ **14**ଟି ପ୍ରଶ୍ନ ଅଛି କି ନା ଆରମ୍ଭରୁ ଦେଖିନିଅ ।
- **ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉତ୍ତର ପୁସ୍ତିକାରେ ପ୍ରଶ୍ନର ଉପଯୁକ୍ତ ସ୍ଥାନରେ ଲେଖ ।**
- ପ୍ରଶ୍ନପତ୍ର ପଢିବାପାଇଁ 15 ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର 10.15 ମିନିଟ୍ ସମୟରେ ବଣ୍ଟନ କରାଯିବ । ତେଣୁ 10.15 ଠାରୁ 10.30 ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ ।
- Please check that this question paper contains **15** printed pages.
- Q.P. Code given on the right hand side of the question paper should be written on the title page of the answer-book by the candidate.
- Please check that this question paper contains **14** questions.
- **Please write down the serial number of the question in the answer-book before attempting it.**
- 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period.

***General Instructions :***

*(i) The Question Paper contains 2 Parts – Part I, Part II & 4 Sections – MCQ, Reading, Writing & Literature.*

*(ii) Part I contains 7 MCQ questions in section A. Attempt the questions based on the specific instructions given in each question.*

*(iii) Part II contains 7 descriptive questions in 3 sections. Attempt any 5 questions from Q. No. 8 in section B; 1 each from Q. No. 9 & 10 in section C; 1 each from Q. No. 11 & 13, 2 each from Q. No. 12 & 14 from section D.*

## PART I

## SECTION A

**1.** ଗଦ୍ୟ ବିଭାଗରୁ ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ବାଛି ଲେଖ । (ଯେକୌଣସି ୫ ଟିର) *8×1=8*

(i) ସମୟ-ସ୍ରୋତରେ ଲେଖକଙ୍କ ଅବସ୍ଥା କିପରି ହୋଇଛି ?

(a) ପାଲଭୂତ (b) ଉତ୍ତାଳ ଢେଉ

(c) ବାଲିବନ୍ଧ (d) ଶୁଷ୍କତୃଣ

(ii) ଶ୍ରୀକୃଷ୍ଣଙ୍କ ପତନକୁ ଲେଖକ କ'ଣ ବୋଲି ଅଭିହିତ କରିଛନ୍ତି ?

(a) ଭବିଷ୍ୟତର ବିଫଳତା (b) ଗୋପନ ଅଭିଳାଷ

(c) କୃତକର୍ମର ପରିଣାମ (d) ପରମ୍ପରାର ପ୍ରତୀକ

(iii) ସମସ୍ତ ଶିକ୍ଷିତ କେଉଁ ଶ୍ରେଣୀର ଅନ୍ତର୍ଭୁକ୍ତ ?

(a) ଅଭିଜାତ (b) ପୁଞ୍ଜିପତି

(c) ଧର୍ମବିରୋଧୀ (d) ସର୍ବହରା

(iv) କେଉଁ ବିଜ୍ଞାନ ଆଲୋକ, ଉତ୍ତାପ, ବିଦ୍ୟୁତ୍, ଶବ୍ଦ ପ୍ରଭୃତି ବିଭିନ୍ନ ତତ୍ତ୍ୱର ଅନୁସନ୍ଧାନ କରିଥାଏ ?

(a) ରସାୟନ ବିଜ୍ଞାନ (b) ପ୍ରାଣୀବିଜ୍ଞାନ

(c) ପଦାର୍ଥ ବିଜ୍ଞାନ (d) ଜୀବ ବିଜ୍ଞାନ

(v) ଆଧ୍ୟାତ୍ମିକତା କେଉଁମାନଙ୍କର ବୈଶିଷ୍ଟ୍ୟ ?

(a) ଗ୍ରୀସୀୟ (b) ରୋମୀୟ

(c) ଭାରତୀୟ (d) ବିଦେଶୀ

(vi) ଅନ୍ନଦାଶଙ୍କରଙ୍କର ମାତୃଭାଷା କ'ଣ ଥିଲା ?

(a) ଓଡ଼ିଆ (b) ବଙ୍ଗଳା

(c) ଇଂରାଜି (d) ହିନ୍ଦୀ

(vii) ସ୍ୱଭାବକବି କିଏ ?

(a) ମଧୁସୂଦନ ରାଓ

(b) ମାୟାଧର ମାନସିଂହ

(c) ଉପେନ୍ଦ୍ର ଭଞ୍ଜ

(d) ଗଙ୍ଗାଧର ମେହେର

(viii) 'ପୋଲିସ୍' କେଉଁ ଦେଶର ଭାଷା ?

(a) ଫ୍ରାନ୍ସ (b) ଜର୍ମାନୀ

(c) ପୋଲାଣ୍ଡ୍ (d) ଇଜ୍ରାଇଲ୍

(ix) 'ନରେନ୍‌ରୁ ବିବେକାନନ୍ଦ' ପ୍ରବନ୍ଧଟି କେଉଁ ପୁସ୍ତକର ଅଂଶ ବିଶେଷ ?

(a) ଛତ୍ରପତି ବିବେକାନନ୍ଦ

(b) ଓଡ଼ିଆ କେବେ

(c) ଭାରତୀୟ ମନୀଷୀ

(d) ସ୍ୱାମୀ ବିବେକାନନ୍ଦ

(x) କେଉଁଠାରେ ବିବେକାନନ୍ଦ କ୍ଷେତରୀ ମହାରାଜାଙ୍କର ଅତିଥି ହୋଇଥିଲେ ?

(a) ବନାରସ୍

(b) ରାଜପୁତନା

(c) ବୃନ୍ଦାବନ

(d) ବରାହନଗର

**2.** ପଦ୍ୟ ବିଭାଗରୁ ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ବାଛି ଲେଖ ।
(ଯେକୌଣସି 7 ଟିର) *7×1=7*

(i) ଉତ୍କଳ ଜନନୀଙ୍କର କ'ଣ ସୁନ୍ଦର ବୋଲି କବିତାରେ କୁହାଯାଇଛି ?
   (a) ହସ ଓ କାନ୍ଦ
   (b) ଭାଷା ଓ ନୃତ୍ୟ
   (c) ହସ ଓ ଭାଷା
   (d) ହସ ଓ ସଂଗୀତ

(ii) ବିଶ୍ୱନାଥ କହିଲେ କେଉଁ ଦେବତାଙ୍କୁ ବୁଝାଏ ?
   (a) ଇନ୍ଦ୍ର (b) ବିଷ୍ଣୁ
   (c) ବ୍ରହ୍ମା (d) ଶିବ

(iii) ନିମ୍ନଲିଖିତ ମଧ୍ୟରୁ କେଉଁଟି ସପ୍ତସାଗର ଅନ୍ତର୍ଭୁକ୍ତ ନୁହେଁ ?
   (a) ଦଧି (b) ଘୃତ
   (c) ଗରଳ (d) ଦଳ

(iv) 'ଦୁକୂଳ' କହିଲେ କ'ଣ ବୁଝାଯାଏ ?
   (a) ଦୁଇକୂଳ (b) ପାଟଲୁଗା
   (c) କୂଳହୀନ (d) ନୂଆଲୁଗା

(v) କାହା ଉପଦ୍ରବ ଯୋଗୁ ଶାନ୍ତି ଲୋକାଳୟ ଛାଡ଼ିଛନ୍ତି ?
   (a) ମୀନଜୀବୀ (b) କଳି
   (c) ପର୍ଯ୍ୟଟକ (d) ଦିଗଙ୍ଗନା

(vi) ସୀତାଙ୍କର ଅନ୍ୟନାମ ବୈଦେହୀ ହେବାର କାରଣ କ'ଣ ?
   (a) ବିଶେଷ ଦେହଧାରିଣୀ କନ୍ୟା
   (b) ବିଦେହର କନ୍ୟା
   (c) ଦେହହୀନା କନ୍ୟା
   (d) ବିଦେଶିନୀ କନ୍ୟା

(vii) କ'ଣ ଛିନ୍ନ କରିବାକୁ କବି ଆହ୍ୱାନ ଦେଇଛନ୍ତି ?

(a) କ୍ରନ୍ଦନ

(b) ବନ୍ଧନରାଜି

(c) ତିମିରକାରା

(d) ଆଲୋକଧାରା

(viii) କାହାକୁ ବନ୍ଧନହରା ବୋଲି କବି କହିଛନ୍ତି ?

(a) ବୟସ୍କଗୋଷ୍ଠୀ

(b) ଶିଶୁ

(c) ତରୁଣକୁଳ

(d) ଦେଶବାସୀ

(ix) 'ଚେତନ-ଗରଭା' କାହାକୁ କୁହାଯାଇଛି ?

(a) ଚାବିକାଠି

(b) ମାଟି

(c) ଦେଶବାସୀ

(d) ନଈସମୁଦ୍ର

**3.** ଗଳ୍ପ ଓ ଏକାଙ୍କିକା ବିଭାଗରୁ ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ବାଛି ଲେଖ । (ଯେକୌଣସି 5 ଟିର) *5×1=5*

(i) କାଠ ଗୋଦାମରୁ ଲେଖକ କେଉଁ କାଠ କିଣିଥିଲେ ?

(a) ଶାଳ

(b) ପିଆଶାଳ

(c) ଶିଶୁ

(d) ଧଅ

(ii) କାଠୁରିଆ ଠାରୁ କ'ଣ ଆଦାୟ କରିବାକୁ ଲେଖକ ଜଗି ବସିଥିଲେ ?

(a) କଥା

(b) ଟଙ୍କା

(c) କାମ

(d) ଦଲିଲ୍

(iii) ମନ୍ଦିର ଆଗରେ କାହା ଘର ?

(a) ଲେଖକ

(b) ମନ୍ଦିରର ପୂଜକ

(c) ସୁରଜ ମଲ

(d) ହରି ଗୁଡ଼ିଆ

(iv) "ମୋତେ ଯେତେ ମାଠିବୁ ମାଠ" – କାହା ବିଷୟରେ ଏହା କୁହାଯାଇଛି ?

(a) ଲେଖକ

(b) ନଟବର ବାବୁଙ୍କ ବୋଉ

(c) ନଟବର ବାବୁଙ୍କ ପୁଅ

(d) ନଟବର ବାବୁଙ୍କ ଝିଅ

(v) କଲମଟି ବିକିଦେଇଥିବାରୁ କିଏ କାନ୍ଦି ଉଠିଲେ ?

(a) ବେବି

(b) ପିଉସୀ

(c) ସୁବ୍ରତ

(d) ପ୍ରୀତି

(vi) ମହାପାତ୍ର କେଉଁଠାରୁ କାର୍ ଡ୍ରାଇଭିଂ କରି ଆସୁଥିଲେ ?

(a) ରାଉରକେଲା

(b) ମାଡ୍ରାସ

(c) କଟକ

(d) ଭୁବନେଶ୍ୱର

(vii) 'ଛାମୁ ସୌନ୍ଦର୍ଯ୍ୟର ପୂଜାରୀ' – ଏହା କାହାର ଉକ୍ତି ?

(a) ଧରମା

(b) ଧରମା ମାଆ

(c) ଶିବେଇ

(d) ବିଶୁ ମହାରଣା

**4.** ରୂଢ଼ିର ଯଥାର୍ଥ ଉତ୍ତରଟି ଉତ୍ତର ପର୍ଯ୍ୟାୟରୁ ବାଛି ଲେଖ ।
(ଯେକୌଣସି 5 ଟିର) *5×1=5*

(i) ଆକାଶକୁସୁମ

(a) ବୃଥା ସ୍ୱପ୍ନ

(b) ଅଦିବ୍ୟ ସ୍ୱପ୍ନ

(c) ଅସମୟ ସ୍ୱପ୍ନ

(d) ସଫଳ ସ୍ୱପ୍ନ

(ii) ଗାଲରେ ହାତଦେବା

(a) ଚାପୁଡ଼ା ମାରିବା

(b) ମନେ ପକାଇବା

(c) ଚିନ୍ତିତ ହେବା

(d) ଆନନ୍ଦିତ ହେବା

(iii) ଅନ୍ଧବୁଝାମଣା

(a) ଅସହାୟର ସହାୟ

(b) ଅନ୍ୟାୟ ବିଚାର

(c) ଘୋର ଶତ୍ରୁତା

(d) ମୂଲ୍ୟବାନ ପରାମର୍ଶ

(iv) ବାଟକାଟିବା

(a) ଉପେକ୍ଷା କରିବା

(b) ନିଜସୁବିଧା ଦେଖିବା

(c) ରାସ୍ତା କାଟିଦେବା

(d) ବ୍ୟର୍ଥହେବା

(v) ତଳେ ପକାଇବା

(a) ଢାଳିଦେବା

(b) ଅନୁମାନ କରିବା

(c) ଅମାନ୍ୟ କରିବା

(d) ସମ୍ମାନ ଦେବା

(vi) କପାଳ ଫାଟିବା

(a) ସର୍ବନାଶ ହେବା

(b) ମୁଣ୍ଡ ଫାଟିଯିବା

(c) ବିବାହ କରିବା

(d) ମଳିନ ପଡ଼ିଯିବା

(vii) ଅକଲ ଗୁଡୁମ

(a) ଆତସବାଜି

(b) ବୁଦ୍ଧିବଣା ହେବା

(c) ଧାର ଆଣିବା

(d) ମୁଣ୍ଡଖର୍ଚ୍ଚ କରିବା

**5.** ଉତ୍ତରମାଳା ମଧ୍ୟରୁ ଶୁଦ୍ଧ ପ୍ରୟୋଗର ଆଧାରରେ ଠିକ୍ ଉତ୍ତରଟି ବାଛି ଲେଖ । (ଯେକୌଣସି 5 ଟିର) *5×1=5*

(i) (a) ଶାରିରିକ (b) ଶାରିରୀକ
(c) ଶାରୀରୀକ (d) ଶାରୀରିକ

(ii) (a) ଅକ୍ଷୁର୍ଣ୍ଣ (b) ଅକ୍ଷଣ୍ଣ
(c) ଅକ୍ଷୁଣ୍ଣ (d) ଅକ୍ଷୂଣ୍ଣ

(iii) (a) ମୀନତୀ (b) ମୀନତି
(c) ମିନତି (d) ମିନତୀ

(iv) (a) ସୌଜନ୍ୟତା (b) ସୌଜନ୍ୟ
(c) ସୌଜନ (d) ଶୌଜନ

(v) (a) ସୁଷମା (b) ଶୁଷମା
(c) ସୁଶମା (d) ସୁସମା

(vi) (a) ଶ୍ରେଷ୍ଠତମ (b) ଶ୍ରେଷ୍ଠ
(c) ଶ୍ରେଷ୍ଟ (d) ସ୍ରେଷ୍ଠ

(vii) (a) ଶିକ୍ଷୟତ୍ରୀ (b) ଶିକ୍ଷୟିତ୍ରି
(c) ଶିକ୍ଷୟତ୍ରି (d) ଶିକ୍ଷୟିତ୍ରୀ

**6.** ଉତ୍ତରପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । (ଯେକୌଣସି 5 ଟିର) *5×1=5*

(i) ରାମକେରି ଛନ୍ଦର ପ୍ରତିପାଦର ଅକ୍ଷର ସଂଖ୍ୟା କେତେ ?
(a) ୧୧ (b) ୯
(c) ୨୦ (d) ୧୭

(ii) ଭାଗବତବାଣୀ ଛନ୍ଦର ଅନ୍ୟନାମ କ'ଣ ?
(a) କଳହଂସକେଦାର (b) ବିଭାସକେଦାର
(c) ଗୁଜ୍ଜରୀ (d) ନଟବାଣୀ

(iii) ବଙ୍ଗଳାଶ୍ରୀ ଛନ୍ଦରେ କେତୋଟି ପାଦ ଥାଏ ?

(a) ୧ (b) ୨

(c) ୩ (d) ୪

(iv) ନଟବାଣୀ ଛନ୍ଦର ଦୁଇପାଦର ଅକ୍ଷର ସଂଖ୍ୟା କେତେ ?

(a) ୧୨ (b) ୨୪

(c) ୩୬ (d) ୧୮

(v) କେଉଁ ଛନ୍ଦର ପ୍ରତ୍ୟେକ ପାଦର ନବମ, ଏକାଦଶ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ ?

(a) ଭାଗବତବାଣୀ (b) ନଟବାଣୀ

(c) ରାମକେରୀ (d) ବଙ୍ଗଳାଶ୍ରୀ

(vi) ପ୍ରାଣୀର ଭଲ ମନ୍ଦ ବାଣୀ ।

ମରଣ କାଳେ ତାହା ଜାଣି ।।

– ଏହା କେଉଁ ଛନ୍ଦ ଅନ୍ତର୍ଗତ ?

(a) ନଟବାଣୀ

(b) ଭାଗବତବାଣୀ

(c) ରାମକେରୀ

(d) ବଙ୍ଗଳାଶ୍ରୀ

(vii) "ମାଆ ମାଆ ବୋଲି କେତେ ମୁଁ ଖୋଜିଲି ମାଆକୁ ପାଇଲି ନାହିଁ" – ଏହା କେଉଁ ଛନ୍ଦ ଅନ୍ତର୍ଗତ ?

(a) ରାମକେରୀ

(b) ବଙ୍ଗଳାଶ୍ରୀ

(c) ଭାଗବତବାଣୀ

(d) ନଟବାଣୀ

7. ଉତ୍ତରପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । (ଯେକୌଣସି 5 ଟିର) *5×1=5*

(i) ନିମ୍ନଲିଖିତ ବାକ୍ୟଗୁଡ଼ିକ ମଧ୍ୟରୁ କେଉଁଟି ଏକ ସରଳବାକ୍ୟ ?

(a) ମାମା ଭଲ ପଢୁଛି ଓ ଏଥିପାଇଁ ସୁନାମ ଅର୍ଜନ କରିଛି ?

(b) ଯେହେତୁ ମାମା ଭଲ ପଢୁଛି, ସେଥିପାଇଁ ସେ ସୁନାମ ଅର୍ଜନ କରିଛି ।

(c) ମାମା ଭଲ ପଢ଼ିବାରୁ ସୁନାମ ଅର୍ଜନ କରିଛି ।

(d) ମାମା ଭଲ ପଢୁଛି, ତେଣୁ ସେ ସୁନାମ ଅର୍ଜନ କରିଛି ।

(ii) ମୁଁ ସଂସ୍କୃତ ବୁଝିଲେ ବି କହିପାରେ ନାହିଁ । ଜଟିଳ ବାକ୍ୟରେ ଏହାକୁ କ'ଣ କୁହାଯିବ ?

(a) ମୁଁ ସଂସ୍କୃତ ବୁଝି ମଧ୍ୟ କହିପାରେ ନାହିଁ ।

(b) ମୁଁ ସଂସ୍କୃତ ବୁଝେ, କିନ୍ତୁ କହିପାରେ ନାହିଁ ।

(c) ଯଦିଓ ମୁଁ ସଂସ୍କୃତ ବୁଝେ, ହେଲେ କହିପାରେ ନାହିଁ ।

(d) ମୁଁ ସଂସ୍କୃତ ବୁଝିଲା ପରେ ଯାଇ କହିପାରେ ।

(iii) ମୋ ବାପା ବଜାରକୁ ଯାଇ ମୋ ପାଇଁ ବହି, ଖାତା ଓ କଲମ ଆଣିଲେ । ଯୌଗିକ ବାକ୍ୟରେ ଏହାକୁ କ'ଣ କୁହାଯିବ ?

(a) ମୋ ବାପା ଯେତେବେଳେ ବଜାରକୁ ଯାଇଥିଲେ, ସେତେବେଳେ ମୋ ପାଇଁ ବହି, ଖାତା ଓ କଲମ ଆଣିଲେ ।

(b) ମୋ ବାପା ବଜାରକୁ ଗଲେ ଏବଂ ମୋ ପାଇଁ ବହି, ଖାତା ଓ କଲମ ଆଣିଲେ ।

(c) ଯେବେ ମୋ ବାପା ବଜାରକୁ ଗଲେ, ସେବେ ମୋ ପାଇଁ ବହି, ଖାତା ଓ କଲମ ଆଣିଲେ ।

(d) ମୋ ପାଇଁ ବହି, ଖାତା ଓ କଲମ ଆଣିବାକୁ ମୋ ବାପା ବଜାରକୁ ଗଲେ ।

(iv) ସତ୍ୟବାଦୀ ସର୍ବଦା ନିର୍ଭୀକ । ଏହାକୁ ଜଟିଳ ବାକ୍ୟରେ କ'ଣ କୁହାଯିବ ?

(a) ସତ୍ୟ କହୁଥିବା ବ୍ୟକ୍ତି ସର୍ବଦା ନିର୍ଭୀକ ।

(b) ବ୍ୟକ୍ତି ସତ କହେ ଓ ସେଥିପାଇଁ ସର୍ବଦା ନିର୍ଭୀକ ରହେ ।

(c) ଯେ ସତ୍ୟବାଦୀ, ସେ ସର୍ବଦା ନିର୍ଭୀକ ।

(d) ବ୍ୟକ୍ତି ସତ କହିଲେ କାହାକୁ ଡରିବ ନାହିଁ ।

(v) ଯେଉଁ ବହିଟି ମୁଁ ତୁମକୁ ଦେଇଥିଲି, ତାହା ମୋତେ ଫେରାଇ ଦିଅ । ଏହାକୁ ସରଳ ବାକ୍ୟରେ କ'ଣ କୁହାଯିବ ?

(a) ବହିଟି ମୁଁ ତୁମକୁ ଦେଇଥିଲି ଓ ତାହା ତୁମେ ମୋତେ ଫେରାଇଦିଅ ।

(b) ମୋ ଠାରୁ ଯେଉଁ ବହିଟି ତୁମେ ନେଇଥିଲ, ତାହା ମୋତେ ଫେରାଇଦିଅ ।

(c) ମୁଁ ତୁମକୁ ଦେଇଥିବା ବହିଟି ମୋତେ ଫେରାଇଦିଅ ।

(d) ବହିଟି ମୋ ଠାରୁ ତୁମେ ନେଇଥିଲ ଓ ତାହା ମୋତେ ଫେରାଇ ଦିଅ ।

(vi) ଲଳିତବାବୁ ଶୃଙ୍ଖଳା ମାନନ୍ତି ଓ ଏଥିପାଇଁ ସବୁଠି ପ୍ରଶଂସିତ ହୁଅନ୍ତି । – ଏହା କେଉଁ ପ୍ରକାର ବାକ୍ୟ ?

(a) ସରଳ

(b) ଯୌଗିକ

(c) ଜଟିଳ

(d) ସରଳ ଓ ଯୌଗିକ

## PART II

## SECTION B

**8.** ନିମ୍ନ ଅନୁଚ୍ଛେଦଟି ପଢ଼ି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (ଯେକୌଣସି 5 ଟିର) *5×2=10*

ପୂର୍ଣ୍ଣାଙ୍ଗ ଶିକ୍ଷା ବ୍ୟବସ୍ଥାରେ କ୍ରୀଡାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି । ଶାରୀରିକ ସୁସ୍ଥତା, ମାନସିକ ଦୃଢ଼ତା ନିମନ୍ତେ କ୍ରୀଡ଼ାର ଅପରିହାର୍ଯ୍ୟ ଆବଶ୍ୟକତା ରହିଛି । ଜାତୀୟ ସଂହତିର ବଳିଷ୍ଠ ସହାୟକ ଭାବରେ ମଧ୍ଯ କ୍ରୀଡ଼ାକୁ ବିବେଚ଼ନା କରାଯାଉଛି । ସ୍କୁଲ କଲେଜରେ ଏଥିପାଇଁ ସ୍ୱତନ୍ତ୍ର ଶିକ୍ଷକ ବା ପ୍ରଶିକ୍ଷକ ନିଯୁକ୍ତ ହୋଇଥାନ୍ତି । ତା'ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ନିଜ ମନ ପସନ୍ଦର କ୍ରୀଡ଼ାକୁଦରେ ଭାଗ ନେଇଥାନ୍ତି । ଏହାଦ୍ୱାରା ପିଲାମାନଙ୍କ ମଧ୍ୟରେ ଏକତା ରକ୍ଷା କରିବା ସହଜସାଧ ହୋଇଥାଏ । କ୍ରୀଡ଼ା ଆମକୁ ଭରପୂର ମନୋରଞ୍ଜନ ଯୋଗାଇବା ସହ ସମୟକୁ ସାର୍ଥକ ଭାବରେ ବିନିଯୋଗ କରିବାର ରାସ୍ତା ଦେଖାଏ । ଏହାଦ୍ୱାରା ଆଳସ୍ୟ ନାମକ ଦାନବଠାରୁ ଆମେ ନିରାପଦ ଦୂରତାରେ ରହିପାରୁ । ବିଶ୍ୱ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ କ୍ରୀଡ଼ାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ସମଗ୍ର ବିଶ୍ୱକୁ ଗୋଟିଏ ସୂତ୍ରରେ ବାନ୍ଧିରଖି ଶାନ୍ତି, ମୈତ୍ରୀ ଓ ଭ୍ରାତୃତ୍ୱବୋଧ ବାର୍ତ୍ତା ଦେଉଛି କ୍ରୀଡ଼ା । ଆଜିକାଲି ସବୁଠି କ୍ରୀଡାବିତ୍‌ମାନଙ୍କୁ ଯଥେଷ୍ଟ ସମ୍ମାନ ମିଳୁଛି । ବିଭିନ୍ନ କ୍ଷେତ୍ରରେ ସେମାନଙ୍କୁ ଆନୁଷ୍ଠାନିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି, ଯାହା ଅତ୍ୟନ୍ତ ଶୁଭ ପ୍ରଦ । ଆମ ରାଷ୍ଟ୍ରୀୟ ସରକାର ଓ ପ୍ରାଦେଶିକ ସରକାର କ୍ରୀଡ଼ାକୁ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି । ଏହା ଦ୍ୱାରା କ୍ରୀଡାର ସାମଗ୍ରିକ ମାନ କ୍ରମଶଃ ବୃଦ୍ଧି ପାଇ ଚାଲିଛି ।

(i) କାହାର ବଳିଷ୍ଠ ସହାୟକ ଭାବରେ କ୍ରୀଡ଼ାକୁ ବିବେଚ଼ନା କରାଯାଉଛି ?

(ii) ମନୋରଞ୍ଜନ ଭିନ୍ନ କ୍ରୀଡ଼ା ଆମକୁ କେଉଁ କ୍ଷେତ୍ରରେ ସହାୟତା କରିଥାଏ ?

(iii) କାହା ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ କ୍ରୀଡ଼ାକୁଦରେ ଭାଗ ନେଇଥାନ୍ତି ?

(iv) କ୍ରୀଡ଼ାର ସାମଗ୍ରିକ ମାନ କିପରି ବୃଦ୍ଧି ପାଇ ଚାଲିଛି ?

(v) କେଉଁ ଶିକ୍ଷାବ୍ୟବସ୍ଥାରେ କ୍ରୀଡ଼ାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି ?

(vi) କ୍ରୀଡ଼ା କି ବାର୍ତ୍ତା ଦେଉଛି ?

(vii) କେଉଁ ପ୍ରସଙ୍ଗକୁ ଅତ୍ୟନ୍ତ ଶୁଭପ୍ରଦ ବୋଲି କୁହାଯାଇଛି ?

## SECTION C

**9.** ଯେକୌଣସି ***ଗୋଟିଏ*** ବିଷୟରେ ରଚନା ଲେଖ । *6*

(i) ଅରଣ୍ୟସମ୍ପଦର ସୁରକ୍ଷା

(ii) ଛାତ୍ର ଓ ସମାଜସେବା

(iii) ଏକବିଂଶ ଶତାବ୍ଦୀରେ ଭାରତବର୍ଷ

**10.** (a) 'ବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷାଦାନ' ଶୀର୍ଷକ ତୁମଲିଖିତ ଏକ ପ୍ରବନ୍ଧ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ର ସଂପାଦକଙ୍କୁ ପତ୍ର ଲେଖ । *6*

**କିମ୍ବା**

(b) 'ଭବିଷ୍ୟତ ଲାଗି ଶକ୍ତି ସଂରକ୍ଷଣ' ଶୀର୍ଷକ ତୁମଲିଖିତ ଏକ ପ୍ରବନ୍ଧ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ କୌଣସି ଏକ ସମ୍ବାଦପତ୍ରର ସଂପାଦକଙ୍କୁ ପତ୍ର ଲେଖ ।

(ବି.ଦ୍ର. – ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## SECTION D

**11.** ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି ***ଗୋଟିକର***) *5*

(i) ଏମାନେ ପୁଷ୍ପିତ ପଳାଶବନରେ ଦେଖନ୍ତି ବିଦ୍ରୋହର ବହ୍ନି, ସ୍ଥଳପଦ୍ମରେ ଦେଖନ୍ତି ଆହବର ରକ୍ତ ଓ ଆନତ କୃଷ୍ଣଚୁଡ଼ାରେ ଦେଖନ୍ତି ଅନାଗତ ଯୁଗର ରକ୍ତକେତନ ।

(ii) ଭାରତୀୟ ଦର୍ଶନରେ, ମନୁଷ୍ୟର ସେବା ହିଁ ଈଶ୍ୱର ସେବା ।

**12.** ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି *2* ଟିର) *2×2=4*

(i) ବିଜ୍ଞାନର ଅନ୍ଧକାର ସ୍ଥାନଟି ଅପସାରିତ ହେଲେ କ'ଣ ହେବ ବୋଲି ଲେଖକ କହିଛନ୍ତି ?

(ii) କୃଷି ବିଷୟକ ଶିକ୍ଷା ମାତୃଭାଷାରେ ହେଲେ କି ସୁଫଳ ହୁଅନ୍ତା ?

(iii) ମହାନ କର୍ମ କିଏ ସଂପାଦନ କରିଥାନ୍ତି ?

**13.** ସପ୍ରସଙ୍ଗ ସରଳାର୍ଥ ଲେଖ । (***ଗୋଟିକର***) *5*

(i) "ଉଲ୍ଲାସର ଆମ୍ବ୍ରାପ୍ରାୟେ ଗୀତ–ତାନ"
ହ୍ରଦ ନୀଳ–ବକ୍ଷେ କରେ ଅଧିଷ୍ଠାନ ।

(ii) "ଅମାପ ଧରିନୁଁ ଦେଏ ଟିକେ ମୋତେ
ନିଦା ହେଉ ମୋର ଛାତି
ନିଜେ ଦୁଃଖ ସହି ଏ ଜଗତ ପାଇଁ
ଲାଗିପଡ଼େ ଦିନରାତି ।"

**14.** ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି *2* ଟିର) *2×2=4*

(i) ପର୍ବତମାଳାଗୁଡ଼ିକ ଉତ୍କଳ ଜନନୀଙ୍କ ଦେହରେ କିଭଳି ଭାବେ ଶୋଭା ପାଉଛି ?

(ii) ଲକ୍ଷ୍ମୀ କାହିଁକି ଦୁର୍ଯ୍ୟୋଧନଙ୍କୁ ଛାଡ଼ି ପଳାଇଲେ ?

(iii) ତମସା ନଦୀ ସୀତାଙ୍କୁ କିପରି ସ୍ୱାଗତ ଜଣାଇଥିଲା ?